ଦରକାର । ପିଆଜ ଫୁଲିବା ସମୟରେ ପାଣି ମଡ଼ାଇବାରେ ଅବହେଳା କଲେ ପିଆଜ ଫାଟିଯାଏ । ପିଆଜ ପାକଳ ହୋଇ ପତ୍ର ହଳଦିଆ ପଡ଼ି ଆସିବାର ୧୫-୨୦ ଦିନ ପୂର୍ବରୁ ପାଣି ମଡ଼େଇବା ବନ୍ଦ କରି ଦିଅନ୍ତୁ ।

## ଅନାବନା ଘାସ ନିୟନ୍ତ୍ରଣ

ଅନାବନା ଘାସ ପିଆଜର ମୁଖ୍ୟ ଶତ୍ରୁ । ଗଛର ଚେର ମାଟି ଉପରେ ରହୁଥିବାରୁ ଅଧିକ ଗଭୀର କୋଡ଼ାଖୁସା କରିବା ଅନୁଚିତ । ତଳି ଲଗାଇବାର ୬୦ ଦିନ ଭିତରେ ୨/୩ ଥର ହାଲୁକା କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ।

ପିଆଜ ଗଛ ପାଖାପାଖି ଲାଗୁଥିବାରୁ ହାତରେ ଘାସ ବାଛିବା କଷ୍ଟକର ଓ ଖର୍ଚ୍ଚବହୁଳ । ଏଣୁ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧ ଲିଟର ବାସାଲିନ୍ ବ୍ୟବହାର କରନ୍ତୁ । ନଚେତ୍ ତଳି ରୋଇବାର ୪୫ ଦିନ ପରେ ୨.୫ ଲିଟର ଲାସୋ ପ୍ରୟୋଗ କରନ୍ତୁ ।

**ପରବର୍ତ୍ତୀଯତ୍ନ :** ଷଣ୍ଢା ପିଆଜ ଫସଲର ଏକ ବଡ଼ ସମସ୍ୟା । ସେପ୍ଟେମ୍ବର-ଅକ୍ଟୋବର ମାସରେ ତଳି ରୋଇଲେ ଅଧିକ ଷଣ୍ଢା ବାହାରେ । ଷଣ୍ଢା ନ ବାହାରିବା ପାଇଁ ପ୍ରତି ଲିଟର ପାଣିରେ ୫ ଗ୍ରାମ୍ ମାଲିକ୍ ହାଇଡ୍ରାଜାଇଡ୍ ମିଶାଇ ରୋଇବାର ୭୫ ଦିନ ପରେ ପ୍ରୟୋଗ କରନ୍ତୁ ।

## ଫସଲ ସୁରକ୍ଷା

ପିଆଜ ଗଛରେ ଉକୁଣି ପୋକ ଲାଗି ପତ୍ରର ରସକୁ ଶୋଷି ନେବା ଦ୍ୱାରା ପତ୍ର ହଳଦିଆ ପଡ଼ି ମୋଚା ମୋଚା ହୋଇଯାଏ । ୧୫ ମିଲି ରୋଗର ଏକ ଲିଟର ପାଣିରେ ମିଶାଇ ମିଶେଇ ୧୫ ଦିନ ଅନ୍ତରରେ ୩-୪ ଥର ସିଞ୍ଚନ କରନ୍ତୁ । ଯେହେତୁ ଏହି ପୋକ ମାଟିରେ ରହେ । ଏଣୁ ମାଟିକୁ ନିୟମିତ କୋଡ଼ା ଖୁସା କରି ପାଣି ମଡ଼େଇଲେ ଏହାର ପ୍ରାଦୁର୍ଭାବ କମିଯାଏ ।

ବାଦାମୀ ବ୍ଲଚ୍ ଓ ପତ୍ରପୋଡ଼ା ପିଆଜ ଫସଲର ଦୁଇଟି ମୁଖ୍ୟ ରୋଗ । ଏହି ରୋଗ ସାଧାରଣତଃ ଫେବୃଆରୀ ମାସ ଠାରୁ ବେଶୀ ଦେଖାଯାଏ । ଏହି ରୋଗ ହେଲେ ଗଛର ପତ୍ରି ଆଗଆଡୁ ପୋଡ଼ିଗଲା ପରି ଦେଖାଯାଏ । ଏଣୁ ରୋଗାକ୍ରାନ୍ତ ଗଛର ଅଗ୍ରଭାଗକୁ ଛିଣ୍ଡାଇ ଦେବା ଭଲ । ଏହି ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ଏଣ୍ଡୋଫିଲ୍ ଏମ୍-୪୫ ମିଶାଇ ୨୦ ଦିନ ପରେ ପ୍ରତି ୧୫ ଦିନ ଅନ୍ତରରେ ୩-୪ ଥର ସିଞ୍ଚନ କରନ୍ତୁ ।

## ଅମଳ :

ସାଧାରଣତଃ ୧୧୦ରୁ ୧୪୦ ଦିନ ମଧ୍ୟରେ ପିଆଜ ଅମଳ ହୁଏ । ଯେତେବେଳେ ଗଛର ୬୦-୭୦ ଭାଗ ପତ୍ର ହଳଦିଆ ହୋଇ ଝୁଲିପଡ଼େ, ପିଆଜ ଅମଳ ହୋଇଥାଏ । ପିଆଜକୁ ସାଇତି ରଖିବାକୁ ହେଲେ ଅମଳ ବେଳକୁ ଏହାର ଉପର ଅଂଶକୁ ଭାଙ୍ଗି ଦିଆଯାଏ । ଏହାକୁ ସାଇତି ରଖିବାକୁ ହେଲେ ପ୍ରଥମେ ଏହାକୁ ଭଲ ଭାବରେ ଶୁଖାଇ ଦିଆଯାଏ । ସାଧାରଣତଃ ହେକ୍ଟର ପ୍ରତି ବର୍ଷାଦିନେ ୨୦୦-୨୫୦ କ୍ୱିଣ୍ଟାଲ ଓ ଶୀତଦିନେ ୨୫୦-୪୫୦ କ୍ୱିଣ୍ଟାଲ୍ ଅମଳ ମିଳିଥାଏ ।

**ସଂରକ୍ଷଣ :** ପିଆଜକୁ ସାଇତି ରଖିବା ପାଇଁ ନିମ୍ନଲିଖିତ ପ୍ରଣାଳୀ ଅବଲମ୍ବନ କରିବାକୁ ପଡ଼ିବ ।

୧) ତଳି ରୋଇବାର ୭୫ ଦିନ ପରେ ୨-୨.୫ ମିଲି ମାଲିକ୍ ହାଇଡ୍ରାଜାଇଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

୨) ଶତକଡ଼ା ୫୦ ଭାଗରୁ ଉର୍ଦ୍ଧ୍ୱ ଗଛ ବେକଭାଙ୍ଗି ଢ଼ଳିପଡ଼ିବାର ୭ ଦିନ ପରେ ପିଆଜ ଖୋଳିବା ଦରକାର ।

୩) ପିଆଜ ଖୋଳିବାର ୧୫ ଦିନ ପୂର୍ବରୁ ପାଣି ଦେବା ବନ୍ଦ କରିଦିଅନ୍ତୁ ।

୪) ପିଆଜ ଖୋଳି ସାରିବା ପରେ ଏହାକୁ ୩-୪ ଦିନ ଖଳାରେ ଖରା ଓ କାକର ଖାଇବା ପାଇଁ ଛାଡ଼ିଦେବା ଉଚିତ୍ ।

୫) ଏହାପରେ ଛାଇ ଜାଗାରେ ୭ ଦିନ ଖୋଲାରେ ରଖନ୍ତୁ ।

୬) ୭ ଦିନ ପରେ ଏହାର ନାଡ଼କୁ ୧ ରୁ ୧.୫ ଇଞ୍ଚ ରଖି କାଟି ଦେଇ ଚେର ଓ ମାଟି ସଫା କରିଦେବା ଉଚିତ୍ ।

୭) ଖଣ୍ଡିଆ ବା ପଚା ପିଆଜକୁ ବାଛି ଦେବା ଉଚିତ୍ ।

୮) ବଡ଼ ଓ ସାନ ପିଆଜକୁ ଅଲଗା କରିଦେବା ଉଚିତ୍ । ଏପରି କଲେ ପିଆଜ ବେଶୀଦିନ ରହିପାରିବ ।

# ଉନ୍ନତ ପ୍ରଣାଳୀରେ ପିଆଜ ଚାଷ




**ଲେଖିକା ଓ ସଂପାଦିକା**

ମୀନାକ୍ଷୀ ପଣ୍ଡି

ବିଷୟବସ୍ତୁ ବିଶେଷଜ୍ଞ (ମୃତ୍ତିକା ବିଜ୍ଞାନ)

ବିନୀତା ଶତପଥୀ

ବିଷୟବସ୍ତୁ ବିଶେଷଜ୍ଞ (କୃଷି ସଂପ୍ରସାରଣ)

**ମୁଖ୍ୟ ସଂପାଦକ**

ଶ୍ରୀ ନିରଞ୍ଜନ ଦାସ

କାର୍ଯ୍ୟକ୍ରମ ସଂଯୋଜକ


## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

# ଉନ୍ନତ ପ୍ରଣାଳୀରେ ପିଆଜ ଚାଷ

ପିଆଜ ଏକ ଲାଭଜନକ ଅର୍ଥକାରୀ ଫସଲ । ପିଆଜ ଉତ୍ପାଦନ କ୍ଷେତ୍ରରେ ଚୀନ ପରେ ଭାରତ ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର । ଭାରତରେ ପିଆଜ ଚାଷ କରାଯାଉଥିବା ମୋଟ୍ ଜମିର ଶତକଡ଼ା ୨୦ ଭାଗ । ମହାରାଷ୍ଟ୍ରରେ ଅବସ୍ଥିତ ଓ ମୋଟ୍ ଉତ୍ପାଦନର ଶତକଡ଼ା ୩୦ ଭାଗ ଏହି ରାଜ୍ୟରୁ ମିଳିଥାଏ ।

ଓଡ଼ିଶା ପରିପ୍ରେକ୍ଷୀରେ ପିଆଜ ଚାଷରେ ଅନୁଗୁଳ ଜିଲ୍ଲାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି । ଜିଲ୍ଲାରେ ହାରାହାରି ୪୯୨୫ ହେକ୍ଟର ଜମିରେ ପିଆଜ ଚାଷ ହୋଇ ବର୍ଷକୁ ୪୫୦୧୨ ଟନ୍ ପର୍ଯ୍ୟନ୍ତ ଅମଳ ମିଳିଥାଏ ।

## ଜଳବାୟୁ

ପିଆଜ ଉଭୟ ବର୍ଷା ଓ ଶୀତ ଋତୁରେ ହେଲେ ମଧ୍ୟ ଶୀତ ଋତୁରେ ଅମଳ ଭଲ ମିଳିଥାଏ । ଅତ୍ୟଧିକ ଥଣ୍ଡା, ଗରମ, ବର୍ଷା ବା ଖରା ପିଆଜ ଚାଷ ପାଇଁ ଅନୁପଯୁକ୍ତ । ପିଆଜ ଧରିବା ପାଇଁ କମ୍ ତାପମାତ୍ରା ଓ ଛୋଟ ଦିନ ଦରକାର ହୋଇଥାଏ କିନ୍ତୁ ପରେ ପିଆଜ ବଢ଼ିବା ପାଇଁ ଅପେକ୍ଷାକୃତ ଅଧିକ ତାପମାତ୍ରା ଓ ଲମ୍ବା ଦିନ ଦରକାର ହୋଇଥାଏ । ତାପମାତ୍ରା ହଠାତ୍ ବଢ଼ିଗଲେ, ପିଆଜ ଜଲ୍‌ଦି ପାକଳ ହୋଇଯାଏ ଓ ଏହାର ଆକାର ସାନ ହୋଇଯାଏ । ଭଲ ଅମଳ ପାଇଁ ସାଧାରଣତଃ ବାୟୁମଣ୍ଡଳର ତାପମାତ୍ରା ୧୩ ରୁ ୨୪° ସେଲ୍‌ସିୟସ୍ ଓ ଆର୍ଦ୍ରତା ୭୦ ଭାଗ ରହିବା ଉଚିତ୍ ।

## ମୃତ୍ତିକା

ଭଲ ଅମଳ ପାଇଁ ନିଗିଡ଼ା, ଉର୍ବର, ବାଲିଆ ଦୋରସା, ମଟାଳ ଓ ପଟୁମାଟି ଅତ୍ୟନ୍ତ ଉପଯୋଗୀ । ଲୁଣି, ଅମ୍ଳ ଓ ସନ୍ତସନ୍ତିଆ ମାଟିରେ ଅମଳ ଭଲ ହୁଏ ନାହିଁ । ହାଲୁକା ମାଟିରେ ପିଆଜ ଜଲ୍‌ଦି ପାକଳ ହୁଏ ଓ ଭଲ ଅମଳ ଦିଏ । କିନ୍ତୁ ଭାରି ମାଟିରେ ପିଆଜର ଆକାର ଖରାପ ହୋଇଯାଏ ଓ ଖୋଳିବାରେ ଅସୁବିଧା ହୁଏ । ଭଲ ଅମଳ ପାଇଁ ମାଟିର ଅମ୍ଳତା ସାଧାରଣତଃ ୫.୮ ରୁ ୬.୫ ମଧ୍ୟରେ ରହିବା ଦରକାର ।

## କିସମ :

ପିଆଜ କିସମ ସାଧାରଣତଃ ତିନଟି ରଙ୍ଗର ମିଳିଥାଏ । ଯଥା : ନାଲି, ଧଳା ଓ ହଳଦିଆ । କିନ୍ତୁ ଓଡ଼ିଶାରେ ବିଶେଷ ଭାବରେ ନାଲି ଓ ଧଳା କିସମ ଚାଷ କରାଯାଇଥାଏ ।

**ନାଲି ପିଆଜ :** ନାସିକ୍ ରେଡ୍, ଏଗ୍ରିପାଉଣ୍ଡ ଲାଇଟ୍ ରେଡ୍. ଏଗ୍ରିଫାଉଣ୍ଡ୍ ଡାର୍କ ରେଡ୍, ଏନ୍-୫୩ ।

**ଧଳା ପିଆଜ :** ଏନ୍-୫୭-୧, ପୁଷା ହ୍ୱାଇଟ୍ ରାଉଣ୍ଡ, ବମ୍ବେ ହ୍ୱାଇଟ୍, ପୁଷା ହ୍ୱାଇଟ୍ ଫ୍ଲାଟ୍ ।

## ଲଗାଇବାର ସମୟ

ସାଧାରଣତଃ ବର୍ଷାଦିନିଆ ପିଆଜ ଜୁଲାଇ ଅଗଷ୍ଟ ମାସ ମଧ୍ୟରେ ଲଗାଯାଇ ଅକ୍ଟୋବର ନଭେମ୍ବର ମାସରେ ଓ ଶୀତ ଦିନିଆ ପିଆଜ ନଭେମ୍ବର ଡିସେମ୍ବର ମାସରେ ଲଗାଯାଇ ଅପ୍ରେଲ୍ ମାସରେ ଅମଳ କରାଯାଇଥାଏ । ସଅଳ ପିଆଜ ଲଗାଇଲେ ପିଆଜରୁ ଷଣ୍ଢା ବାହାରି ପଡ଼େ ଓ ଡେ଼ରିରେ ଲଗାଇଲେ ପିଆଜ ସାନ ହୁଏ ଓ ଅମଳ ଆଶାତୀତ ଭାବେ କମିଯାଏ ।

## ବିହନ ପରିମାଣ ଓ ବିଶୋଧନ

ବର୍ଷାଦିନିଆ ଚାଷ ପାଇଁ ହେକ୍ଟର ପ୍ରତି ୧୨ କି.ଗ୍ରା. ମଞ୍ଜି ଆବଶ୍ୟକ ହେବାବେଳେ ଶୀତଦିନ ପାଇଁ ୧୦ କି.ଗ୍ରା. ମଞ୍ଜି ଦରକାର ହୋଇଥାଏ । ମଞ୍ଜି ବୁଣିବା ପୂର୍ବରୁ ବିହନ ସହିତ ୩ ଗ୍ରାମ୍ ଥିରାମ୍ ବା କାପଟାନ୍ ଗୁଣ୍ଡ ଗୋଳେଇ ବିଶୋଧନ କରାଯିବା ଉଚିତ୍ ।

## ତଳି ଘେରାର ଯତ୍ନ

ଏକ ହେକ୍ଟର ପିଆଜ ଚାଷ ପାଇଁ ୫୦୦ ବର୍ଗ ମିଟର ତଳିଘରା ଦରକାର । ତଳିପଟି ଗୁଡ଼ିକ ୩ ମିଟର ଲମ୍ବ, ୧ ମିଟର ଓସାର ଓ ୧୫ ସେ.ମି. ଉଚ୍ଚ ହେବା ଦରକାର । ପ୍ରତି ଦୁଇପଟି ମଧ୍ୟରେ ୬୦ ସେ.ମି. ବ୍ୟବଧାନ ରହିବା ଉଚିତ୍ ଯାହାଦ୍ୱାରା ପଟାଳିରେ ପାଣିଦେବା, କୋଡ଼ାଖୁସା, ଘାସବଛା ଇତ୍ୟାଦି ସୁବିଧାରେ କରିହେବ । ଏହି ତଳିଘରା ପାଇଁ ଏକ ଟନ୍ ସଢ଼ା ଶୁଖିଲା ଗୁଣ୍ଡ ଗୋବରଖତ ଓ ୧୫ କି.ଗ୍ରା. ଯବକ୍ଷାରଜାନ, ଫସଫରସ୍ ଓ ପଟାସ୍ ମିଶ୍ରିତ ସାର ଦରକାର । ମଞ୍ଜି ବୁଣିବାର ୭ ଦିନ ପୂର୍ବରୁ ଖତସାରକୁ ଭଲଭାବରେ ମାଟିରେ ମିଶାଇ ଦିଅନ୍ତୁ । ପଟି ପ୍ରସ୍ତୁତ ହେବା ପରେ ଧାଡ଼ିକୁ ଧାଡ଼ି ୫-୭ ସେ.ମି. ଛାଡ଼ି କାଠି ଦ୍ୱାରା ଅଳ୍ପ ଗହିରିଆ ସିଆର କରି ମଞ୍ଜିକୁ ୧-୨ ସେ.ମି. ଗଭୀରରେ ବୁଣନ୍ତୁ । ମଞ୍ଜି ବୁଣିସାରିବା ପରେ ନଡ଼ା ବା ପାଳ ଦ୍ୱାରା ତଳି ଘେରାରୁ ଘୋଡ଼ାଇ ଝରା ସାହାଯ୍ୟରେ ପାଣି ଦିଅନ୍ତୁ । ତଳି ଘରାକୁ ଆବଶ୍ୟକ ମୁତାବକ ପାଣି ଦିଅନ୍ତୁ ।

ସାଧାରଣତଃ ଶୀତ ଦିନ ପାଇଁ ସେପ୍ଟେମ୍ବର-ଅକ୍ଟୋବର ମାସରେ ଓ ବର୍ଷାଦିନ ପାଇଁ ମେ-ଜୁନ୍ ମାସରେ ତଳି ପକାଯାଏ ।

## ତଳି ଲଗାଯିବା ପ୍ରଣାଳୀ

ବର୍ଷା ଦିନରେ ୬-୭ ସପ୍ତାହର ଓ ଶୀତ ଦିନରେ ୮-୧୦ ସପ୍ତାହର ଚାରା ଲଗାଯାଏ । ଜମିକୁ ଭଲ ଭାବରେ ଗୁଣ୍ଡ ଚାଷ କରି ଦିଅନ୍ତୁ । ପାଣିର ସୁବିଧା ହିସାବରେ ୨ ମିଟର ଓସାରର ପଟାଳି କରି ଖତସାର ଦେଇ ସମତୁଲ କରନ୍ତୁ । ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ଚାରା ଲଗାନ୍ତୁ । ରୋଇବା ପରେ ପାଣି ମଡ଼ାଇବା ଉଚିତ୍ ।

## ଖାଦ୍ୟସାର ପରିଚାଳନା

ପିଆଜ ଜୈବିକ ସାରରେ ଭଲ ହୁଏ । ହେକ୍ଟର ପ୍ରତି ୨୦-୩୦ ଟନ୍ ସଢ଼ା ଶୁଖିଲା ଗୋବର ଖତ ଗୁଣ୍ଡ ତଳି ଲଗାଇବାର ଏକ ସପ୍ତାହ ପୂର୍ବରୁ ଜମିରେ ପକାଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ପିଆଜ ଚାଷ ପାଇଁ ହେକ୍ଟର ପ୍ରତି ୧୨୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ଅଧା ଯବକ୍ଷାରଜାନ, ସମୁଦାୟ ଫସ୍‌ଫରସ୍ ଓ ଅଧା ପଟାସ୍ ସାରକୁ ମୂଳସାର ରୂପେ ତଳି ରୋଇବାର ୨ ଦିନ ଆଗରୁ ମାଟିରେ ମିଶାଇ ଦିଅନ୍ତୁ । ବଳକା ଥିବା ଅଧା ଯବକ୍ଷାରଜାନ ଓ ଅଧା ପଟାସ୍ ସାରକୁ ଦୁଇ ଭାଗ କରି ଏକ ଭାଗକୁ ସାଧାରଣତଃ ତଳି ରୋଇବାର ୨୫-୩୦ ଦିନରେ ଓ ଅନ୍ୟ ଭାଗକୁ ୪୫-୫୦ ଦିନରେ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।

ଯବକ୍ଷାରଜାନ ଅଭାବରେ ପିଆଜ ଜଲ୍‌ଦି ପାକଳ ହୁଏ ଓ ଛୋଟ ଛୋଟ ହୁଏ । ସେହିପରି ଅଧିକ ଯବକ୍ଷାରଜାନ ପିଆଜକୁ ବଡ଼ ବଡ଼ ଓ ନରମ କରିଦିଏ, ଯାହାଦ୍ୱାରା ଏହାକୁ ସାଇତି ରଖିହୁଏ ନାହିଁ ।

ଅଣୁସାର ଯଥା ବୋରନ୍, ସଲ୍‌ଫର୍, ଆଦି ମାଟି ପରୀକ୍ଷା ହିସାବରେ ପ୍ରୟୋଗ କଲେ ଭଲ ଫଳ ମିଳେ । ବୋରନ୍ ୪ କେଜି ହେକ୍ଟର ପ୍ରତି ଶେଷ ଓଡ଼ ଚାଷରେ ପ୍ରୟୋଗ କଲେ ପିଆଜର ଆକାର ବଢ଼ିଥାଏ । ସେହିପରି ସଲ୍‌ଫର ପ୍ରୟୋଗ କଲେ ପିଆଜର ରାଗ ଅଂଶ ବୃଦ୍ଧି ପାଇଥାଏ ।

## ଜଳସେଚନ

ପିଆଜ ଭଲ ଅମଳ ଦେବା ପାଇଁ ମାଟିରେ ସବୁବେଳେ ଆର୍ଦ୍ରତା ଆବଶ୍ୟକ କରେ । ତଳି ଲଗାଇବା ପରେ ପାଣିଦେବା ଦରକାର । ତାପରେ ମାଟିର ବତର ଦେଖି ପାଣି ଦିଆଯାଇଥାଏ । ଗଛର ଚେର ମାଟିର ଉପର ଭାଗରେ ରହୁଥିବାରୁ ଏହା ପାଣିର ଅଭାବ ସହିପାରେ ନାହିଁ । କିନ୍ତୁ ଅଧିକ ପାଣି ମଡ଼ାଇଲେ ବା ପାଣି ଜମି ରହିଲେ ପିଆଜ ସଢ଼ିଯାଏ ଓ ଭଲ ଅମଳ ମିଳେ ନାହିଁ । ବର୍ଷା ଦିନେ ଜମିରୁ ଜଳ ନିଗିଡ଼ିବା ବ୍ୟବସ୍ଥା ରହିବା ଦରକାର । ଶୀତଦିନେ ୧୦-୧୫ ଦିନ ବ୍ୟବଧାନରେ ପାଣି ମଡ଼ାଇବା ବନ୍ଦ